# REGIONAL NEWS UNIT, AIR CUTTACK

## Mid-day Bulletin (4.32PM)

### 19 November – 2025

**********************************

## ମୁଖ୍ୟ ସମ୍ବାଦ

- ପିଏମ୍‌-କିଷାନ୍‌ ସମ୍ମାନନିଧି ଯୋଜନାରେ ୯ କୋଟିରୁ ଊର୍ଦ୍ଧ୍ୱ ଚାଷୀଙ୍କୁ ୧୮ ହଜାର କୋଟି ଟଙ୍କା ପ୍ରଦାନ କଲେ ପ୍ରଧାନମନ୍ତ୍ରୀ

— କୃଷକଙ୍କ ସଶକ୍ତୀକରଣ ଓ କଲ୍ୟାଣ ପାଇଁ ସରକାର ସମ୍ପୂର୍ଣ୍ଣ ପ୍ରତିଶ୍ରୁତିବଦ୍ଧ; ରାଜ୍ୟସ୍ତରୀୟ କାର୍ଯ୍ୟକ୍ରମରେ କହିଲେ, ମୁଖ୍ୟମନ୍ତ୍ରୀ

- ୨୦୨୭ ଜନଗଣନା ପରେ ତହସିଲ ସଂଖ୍ୟାକୁ ବୃଦ୍ଧି କରିବା ପାଇଁ ରାଜ୍ୟ ସରକାରଙ୍କ ନିଷ୍ପତ୍ତି

- ରାଉରକେଲା ଇସ୍ପାତ କାରଖାନାର ସମ୍ପ୍ରସାରଣ ଓ ଉତ୍ପାଦନ ବୃଦ୍ଧି ନେଇ ମୁଖ୍ୟମନ୍ତ୍ରୀଙ୍କ ସହ ଆଲୋଚନା କଲେ କେନ୍ଦ୍ର ଇସ୍ପାତ ମନ୍ତ୍ରୀ

ଏବଂ

- ଗୋଆରେ ଆସନ୍ତକାଲିଠାରୁ ଆରମ୍ଭ ହେବ ୫୬ତମ ଆନ୍ତର୍ଜାତିକ ଚଳଚ୍ଚିତ୍ର ମହୋତ୍ସବ

## ପିଏମ୍-କିଷାନ

ଭାରତ ଜୈବିକ କୃଷିର ଏକ କେନ୍ଦ୍ରସ୍ଥଳି ହେବାକୁ ଯାଉଛି ବୋଲି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ କହିଛନ୍ତି। ତାମିଲନାଡୁର କୋଏମ୍ବାଟୁରଠାରେ ଆଜି ପିଏମ୍ କିଷାନ ସମ୍ମାନନିଧି ଯୋଜନାର ୨୧ତମ କିସ୍ତି ପ୍ରଦାନ କରି ପ୍ରଧାନମନ୍ତ୍ରୀ କହିଛନ୍ତି, ୯ କୋଟିରୁ ଅଧିକ କୃଷକଙ୍କ ବ୍ୟାଙ୍କ ଖାତାକୁ ୧୮ ହଜାର କୋଟିରୁ ଅଧିକ ଟଙ୍କା ହସ୍ତାନ୍ତର କରାଯାଇଛି। ଗତ ୧୧ ବର୍ଷରେ କୃଷି କ୍ଷେତ୍ରରେ ଅନେକଗୁଡ଼ିଏ ସଂସ୍କାରମୂଳକ ପଦକ୍ଷେପ ଗ୍ରହଣ କରାଯାଇଛି। କୃଷି ରପ୍ତାନୀକୁ ଦ୍ୱି-ଗୁଣିତ କରିବା ସହ ସରକାର କୃଷି ପଦ୍ଧତିକୁ ଆଧୁନିକୀକରଣ କରିବା ପାଇଁ ଅନେକ ପଦକ୍ଷେପ ନେଇଛନ୍ତି ବୋଲି ପ୍ରଧାନମନ୍ତ୍ରୀ ଶ୍ରୀ ମୋଦୀ କହିଛନ୍ତି।

**- V/O -(PM)**

କିଷାନ-କ୍ରେଡିଟ୍ ମାଧ୍ୟମରେ ଚାଷୀମାନେ ୧୦ ଲକ୍ଷ କୋଟି ଟଙ୍କାର ଲାଭ ପାଇପାରିଛନ୍ତି। ଯୋଜନାରେ ବାର୍ଷିକ ଯୋଗ୍ୟ କୃଷକ ପରିବାରଙ୍କୁ ୬ ହଜାର ଟଙ୍କା ଲେଖାଏଁ ଦିଆଯାଉଛି ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି।

## ମୁଖ୍ୟମନ୍ତ୍ରୀ

କୃଷକଙ୍କ ସଶକ୍ତୀକରଣ ଓ କଲ୍ୟାଣ ପାଇଁ ସରକାର ସମ୍ପୂର୍ଣ୍ଣ ପ୍ରତିଶ୍ରୁତିବଦ୍ଧ ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି। ଭୁବନେଶ୍ୱର କୃଷିଭବନ ପେକ୍ଷାଳୟରେ ଅନୁଷ୍ଠିତ ରାଜ୍ୟସ୍ତରୀୟ ପିଏମ୍-କିଷାନ ସମ୍ମାନନିଧି

ଯୋଜନାର ୨୧ତମ କିସ୍ତି ପ୍ରଦାନ କାର୍ଯ୍ୟକ୍ରମରେ ଯୋଗଦେଇ ମୁଖ୍ୟମନ୍ତ୍ରୀ କହିଛନ୍ତି, କୃଷକଙ୍କ ଜୀବନଧାରଣ ମାନରେ ଉନ୍ନତି ଆଣିବା ପାଇଁ ସରକାର ଆଗାମୀ ଦିନରେ ବିଭିନ୍ନ ଯୋଜନା କାର୍ଯ୍ୟକାରୀ କରିବେ। ପିଏମ୍-ଧନଧାନ୍ୟ କୃଷି ଯୋଜନା ଓ ଜାତୀୟ ଡାଲି ମିଶନ ଜରିଆରେ ରାଜ୍ୟର ୪ଟି ଜିଲ୍ଲାକୁ ସାମିଲ କରାଯାଇଛି। କୃଷକଙ୍କ ଆୟ ବୃଦ୍ଧି ପାଇଁ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାର ଉଦ୍ୟମ ଜାରି ରଖିଛନ୍ତି ବୋଲି ଶ୍ରୀ ମାଝୀ କହିଛନ୍ତି।

**- V/O -(CM)**

ମୁଖ୍ୟମନ୍ତ୍ରୀ କହିଛନ୍ତି, ପିଏମ୍-କିଷାନ୍ ସମ୍ମାନନିଧି ଓ ସିଏମ୍ କିଷାନ୍ ସମ୍ମାନନିଧି ଯୋଜନାରେ ଚାଷୀମାନଙ୍କୁ ସହାୟତାରାଶି ପ୍ରଦାନ କରାଯାଉଛି। ସିଏମ୍-କିଷାନ ସମ୍ମାନନିଧି ଯୋଜନାରେ ଗ୍ରାମାଞ୍ଚଳ ସହ ସହରାଞ୍ଚଳ ଚାଷୀଙ୍କୁ ମଧ ସାମିଲ କରାଯାଇଛି। ୨୦୩୬ ମସିହା ସୁଦ୍ଧା ବିକଶିତ ଓଡ଼ିଶାର ଲକ୍ଷ୍ୟ ପୂରଣ ଦିଗରେ ସରକାର ଚାଷୀ, ମହିଳା ଆର୍ଥିକ ଅନଗ୍ରସର ଓ ଯୁବବର୍ଗଙ୍କୁ ଆର୍ଥିକ ସ୍ତରରେ ସଶକ୍ତ କରିବା ପାଇଁ ଉଦ୍ୟମ ଜାରି ରଖିଛନ୍ତି।

## ଷ୍ଟିଲପ୍ଲାଣ୍ଟ ସମ୍ପ୍ରସାରଣ

କେନ୍ଦ୍ର ଇସ୍ପାତ ମନ୍ତ୍ରୀ ଏଚ୍.ଡି. କୁମାରସ୍ୱାମୀ ଆଜି ଭୁବନେଶ୍ୱର ଲୋକସେବା ଭବନରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ସାକ୍ଷାତ କରିଛନ୍ତି। ଏହି ଅବସରରେ ରାଉରକେଲା ଇସ୍ପାତ କାରଖାନାର ସମ୍ପ୍ରସାରଣ ଓ ଉତ୍ପାଦନ ବୃଦ୍ଧି ନେଇ ଆଲୋଚନା କରିଛନ୍ତି। କାରଖାନାର ବାର୍ଷିକ କ୍ଷମତା

୪ ଦଶମିକ ୫ ମିଲିୟନ୍ ଟନ୍‌ରୁ ୯ ଦଶମିକ ୫ ମିଲିୟନ୍ ଟନ୍‌କୁ ସମ୍ପ୍ରସାରଣ ପାଇଁ ଲକ୍ଷ୍ୟ ରଖାଯାଇଛି ବୋଲି କେନ୍ଦ୍ରମନ୍ତ୍ରୀ କହିଛନ୍ତି। ଏଥିପାଇଁ ରାଜ୍ୟ ସରକାରଙ୍କ ପକ୍ଷରୁ ସମସ୍ତ ସହଯୋଗ କରାଯିବ ବୋଲି ମୁଖ୍ୟମନ୍ତ୍ରୀ ପ୍ରତିଶ୍ରୁତି ଦେଇଛନ୍ତି।

ଗତକାଲି କେନ୍ଦ୍ରମନ୍ତ୍ରୀ ଶ୍ରୀ କୁମାରସ୍ୱାମୀ ରାଉରକେଲା ଗସ୍ତ କରି ଇସ୍ପାତ କାରଖାନା ପରିଦର୍ଶନ କରିଥିଲେ। ଇସ୍ପାତ କାରଖାନାର ସମ୍ପ୍ରସାରଣ ଆସନ୍ତା ୩ ରୁ ୪ ବର୍ଷ ମଧ୍ୟରେ ହେବ ବୋଲି ମନ୍ତ୍ରୀ ସୂଚନା ଦେଇଛନ୍ତି। ଆରଏସପି କିମ୍ବା ଇସ୍ପାତ ଜେନେରାଲ ହସ୍‌ପିଟାଲକୁ ଘରୋଇକରଣ କରାଯିବ ନାହିଁ। ଏଥିସହ ରାଉରକେଲା ବିମାନବନ୍ଦରର ଉନ୍ନତୀକରଣ କାର୍ଯ୍ୟ ଜାରି ରହିଛି। ଆସନ୍ତା ୪ ମାସ ମଧ୍ୟରେ ବିମାନବନ୍ଦର ପୂର୍ଣ୍ଣ କାର୍ଯ୍ୟକ୍ଷମ ହେବ ବୋଲି କେନ୍ଦ୍ରମନ୍ତ୍ରୀ ଶ୍ରୀ କୁମାରସ୍ୱାମୀ କହିଛନ୍ତି।

## ମୁଖ୍ୟମନ୍ତ୍ରୀ

ବିଧାନସଭା ପ୍ରକ୍ରିୟାର ଡିଜିଟାଲ ରୂପାନ୍ତରଣ କ୍ଷେତ୍ରରେ ଓଡ଼ିଶା ଏକ ଅଗ୍ରଣୀ ରାଜ୍ୟ ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି। ୩୭ତମ ସଂସଦୀୟ ଇଣ୍ଟର୍ଣ୍ଣସିପ୍ କାର୍ଯ୍ୟକ୍ରମ ଅବସରରେ ନୂଆଦିଲ୍ଲୀସ୍ଥିତ ସଂସଦ ସଚିବାଳୟ ପକ୍ଷରୁ ୧୨ଟି ଦେଶର ୪୦ଜଣ ବିଦେଶୀ ପ୍ରତିନିଧିଙ୍କୁ ମୁଖ୍ୟମନ୍ତ୍ରୀ ଆଜି ସାକ୍ଷାତ କରିବା ଅବସରରେ ଏହା କହିଛନ୍ତି। ବିଧାନସଭାରେ ଇ-ବିଧାନ ଆପ୍ଲିକେଶନର ପୂର୍ଣ୍ଣ କାର୍ଯ୍ୟାନ୍ୱୟନ, ଇ-ପ୍ରଶାସନ ପାଇଁ ସମ୍ପୂର୍ଣ୍ଣ

ଡିଜିଟାଲ ଗୃହ ଗବେଷଣା ଏବଂ ସୂଚୀକରଣ ପାଇଁ କୃତ୍ରିମ ବୁଦ୍ଧିମତ୍ତାର ବ୍ୟବହାର ଆଦି ଅନେକ ପଦକ୍ଷେପ ନିଆଯାଇଛି। ଓଡ଼ିଶାର ୧୦ଟି ବିଭାଗୀୟ ସ୍ଥାୟୀ କମିଟି ସମେତ ୨୫ଟି କମିଟି ଗଠନ କରାଯାଇଛି। ଉନ୍ନତ ପ୍ରଶାସନ ସୁନିଶ୍ଚିତ କରିବା ପାଇଁ ଏହି କମିଟିଗୁଡ଼ିକ ମିନି ପାର୍ଲାମେଣ୍ଟ ଭାବେ କାର୍ଯ୍ୟ କରୁଛି ବୋଲି ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ କହିଛନ୍ତି।

## ଧାନମଣ୍ଡି

ରାଜ୍ୟରେ ଧାନମଣ୍ଡି  ଆସନ୍ତାମାସ ୨୫ ତାରିଖରୁ ଖୋଲିବ ବୋଲି ସମବାୟ ମନ୍ତ୍ରୀ ପ୍ରଦୀପ ବଳସାମନ୍ତ ସୂଚନା ଦେଇଛନ୍ତି।  ଗତବର୍ଷ ଅପେକ୍ଷା ଚଳିତବର୍ଷ ଅଧିକ ଧାନଚାଷ ହୋଇଛି। ଯେଉଁମାନେ ପଞ୍ଜୀକରଣ କରିଛନ୍ତି ସମସ୍ତଙ୍କଠାରୁ ଧାନ କିଣାଯିବ ବୋଲି ମନ୍ତ୍ରୀ କହିଛନ୍ତି। ପ୍ରଥମ ପର୍ଯ୍ୟାୟରେ ୩୮ଟି ମଡେଲ ମଣ୍ଡି କରିବା ପାଇଁ ଲକ୍ଷ୍ୟ ରଖାଯାଇଛି। ଏଥିପାଇଁ ୩୧୩ କୋଟି ଟଙ୍କା ବ୍ୟୟବରାଦ କରାଯାଇଛି ବୋଲି ମନ୍ତ୍ରୀ ଶ୍ରୀ ବଳସାମନ୍ତ କହିଛନ୍ତି।

**- V/O -(**ପ୍ରଦୀପ ବଳସାମନ୍ତ**)**

## ତହସିଲ ଗଠନ

ରାଜ୍ୟ ସରକାର ଆସନ୍ତା ୨୦୨୭ ଜନଗଣନା ପରେ ତହସିଲ ସଂଖ୍ୟାକୁ ବୃଦ୍ଧି କରିବା ପାଇଁ ନିଷ୍ପତ୍ତି ନେଇଛନ୍ତି ବୋଲି ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ

କହିଛନ୍ତି । ସରକାରୀ ସେବାକୁ ତ୍ୱରାନ୍ୱିତ କରିବା ପାଇଁ ପ୍ରଥମ ପର୍ଯ୍ୟାୟରେ ବଡ଼ ତହସିଲକୁ ବିଭାଜିତ କରାଯିବ । ଦୁଇଟି ପଞ୍ଚାୟତ ପାଇଁ ଗୋଟିଏ ଆରଆଇ ସର୍କଲ କରାଯିବ ବୋଲି ମନ୍ତ୍ରୀ ଶ୍ରୀ ପୂଜାରୀ କହିଛନ୍ତି ।

**- V/O -(ସୁରେଶ ପୂଜାରୀ)**

## ଗୁରୁତ୍ୱପୂର୍ଣ୍ଣ ବୈଠକ

ପୁରୀ ଶ୍ରୀମନ୍ଦିର ପରିଚାଳନା କମିଟିର ଗୁରୁତ୍ୱପୂର୍ଣ୍ଣ ବୈଠକ ଆସନ୍ତାକାଲି ଅନୁଷ୍ଠିତ ହେବ । ଗଜପତି ମହାରାଜା ଦିବ୍ୟସିଂହଦେବଙ୍କ ଅଧ୍ୟକ୍ଷତାରେ ହେବାକୁ ଥିବା ଏହି ବୈଠକରେ ରତ୍ନଭଣ୍ଡାରରେ ଥିବା ଅଳଙ୍କାର ଗଣତି-ମଣତି ସମ୍ପର୍କରେ ଆଲୋଚନା ହେବାର କାର୍ଯ୍ୟସୂଚୀ ରହିଛି । ଏଥିସହ ନାଟମଣ୍ଡପରେ ଧାଡ଼ିଦର୍ଶନ ବ୍ୟବସ୍ଥା, ଶ୍ରୀମନ୍ଦିର ସହ ଜଡିତ ବିଭିନ୍ନ ପ୍ରକଳ୍ପର ଅଗ୍ରଗତି ନେଇ ମଧ୍ୟ ଆଲୋଚନା ହେବାର କାର୍ଯ୍ୟକ୍ରମ ରହିଛି ।

## କଳାଭୂମି

ଦଶମ ଚଳଚ୍ଚିତ୍ର ସଂରକ୍ଷଣ ଓ ପୁନରୁଦ୍ଧାର କର୍ମଶାଳା ୨୦୨୫ର ଆଜି ଉଦ୍‌ଯାପନୀ ଉତ୍ସବ । ଭୁବନେଶ୍ୱର ପୋଖରିପୁଟ ସ୍ଥିତ ରାଜ୍ୟ ହସ୍ତଶିଳ୍ପ ସଂଗ୍ରହାଳୟ କଳାଭୂମିଠାରେ ସନ୍ଧ୍ୟାରେ ଆୟୋଜିତ ହେବାକୁ ଥିବା କାର୍ଯ୍ୟକ୍ରମରେ ଉପମୁଖ୍ୟମନ୍ତ୍ରୀ କନକବର୍ଦ୍ଧନ ସିଂହଦେଓ ହସ୍ତତନ୍ତ, ବୟନଓ ହସ୍ତଶିଳ୍ପ ମନ୍ତ୍ରୀ ପ୍ରଦୀପ ବଳସାମନ୍ତ ପ୍ରମୁଖ ଯୋଗଦେବାର କାର୍ଯ୍ୟକ୍ରମ ରହିଛି ।

## ଶୌଚାଳୟ ଦିବସ

ଉନ୍ନତ ସ୍ୱାସ୍ଥ୍ୟ ଓ ସୁସ୍ଥ ସମାଜ ପାଇଁ ଶୌଚାଳୟର ଆବଶ୍ୟକତା ନେଇ ସଚେତନତା ସୃଷ୍ଟି ଉଦ୍ଦେଶ୍ୟରେ ଆଜି ବିଶ୍ୱ ଶୌଚାଳୟ ଦିବସ ପାଳନ କରାଯାଉଛି । ଜନସାଧାରଣଙ୍କ ମଧ୍ୟରେ ପରିମଳ ସଂକଟର ମୁକାବିଲା, ସମସ୍ତଙ୍କୁ ଶୌଚାଳୟ ଉପଲବ୍ଧ କରାଇବା ଲାଗି ୨୦୦୧ ମସିହାରୁ ଏହି ଦିବସ ପାଳନ କରାଯାଉଛି । ଚଳିତବର୍ଷ **ପରିବର୍ତ୍ତନଶୀଳ ବିଶ୍ୱରେ ପରିମଳ– ସବୁବେଳେ ଶୌଚାଳୟର ରହିବ ଆବଶ୍ୟକତା** ର ବାର୍ତ୍ତା ନେଇ ବିଶ୍ୱ ଶୌଚାଳୟ ଦିବସ ପାଳନ କରାଯାଉଛି ।

ସ୍ୱାସ୍ଥ୍ୟମନ୍ତ୍ରୀ ଡକ୍ଟର ମୁକେଶ ମହାଲିଙ୍ଗ ବିଶ୍ୱ ଶୌଚାଳୟ ଦିବସରେ ବ୍ୟାପକ ଜନସଚେତନତା ସୃଷ୍ଟି କରିବାକୁ ଆହ୍ୱାନ ଦେଇଛନ୍ତି।

## ଦାଦନ ସମୀକ୍ଷା

ରାଜ୍ୟ ପଞ୍ଚାୟତିରାଜ ଓ ପାନୀୟ ଜଳ ମନ୍ତ୍ରୀ ରବି ନାରାୟଣ ନାୟକ ଆଜି **ବଲାଙ୍ଗିର** ଜିଲ୍ଲା ଖପ୍ରାଖୋଲ ବ୍ଲକ୍ ଗସ୍ତ କରି ଦାଦନ ସମସ୍ୟା ସମ୍ପର୍କରେ ସମୀକ୍ଷା କରିଛନ୍ତି। ଗାଁରେ ଲୋକଙ୍କ ଘରକୁ ଘର ବୁଲି ବିଭିନ୍ନ ସମସ୍ୟା ସମ୍ପର୍କରେ ବୁଝିବା ସହ ତୁରନ୍ତ ସମାଧାନ କରିବାକୁ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।

## ଏକଦା ପଦଯାତ୍ରା

ସର୍ଦ୍ଦାର ବଲ୍ଲଭଭାଇ ପଟେଲଙ୍କ ୧୫୦ତମ ଜନ୍ମବାର୍ଷିକୀ ଉପଲକ୍ଷେ ନବରଙ୍ଗପୁର ଜିଲ୍ଲା ଉମରକୋଟଠାରେ ଆଜି ଏକତା ପଦଯାତ୍ରା ଅନୁଷ୍ଠିତ ହୋଇଯାଇଛି। ସାଂସଦ ବଳଭଦ୍ର ମାଝୀ ପଦଯାତ୍ରାରେ ଯୋଗଦେଇ ସର୍ଦ୍ଦାର ପଟେଲଙ୍କ ନୀତି ଓ ଆଦର୍ଶରେ ଅନୁପ୍ରାଣିତ ହେବା ପାଇଁ କହିଥିଲେ।

## ଭିନ୍ନକ୍ଷମ ସାମର୍ଥ୍ୟ ଶିବିର

**ଗଞ୍ଜାମ** ଜିଲ୍ଲାର ଧରାକୋଟ ବ୍ଲକ୍ ପରିସରରେ ଭୀମ ଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର ଆୟୋଜିତ ହୋଇଯାଇଛି। ଶିବିରରେ ୪୧୨ ଜଣ ଭିନ୍ନକ୍ଷମ ବ୍ୟକ୍ତିଙ୍କୁ ଉପକରଣ ବଣ୍ଟନ ପାଇଁ ଚିହ୍ନଟ କରାଯାଇଥିଲା। ଅନ୍ୟପକ୍ଷରେ, ୫୧ ଜଣଙ୍କୁ ଭିନ୍ନକ୍ଷମ ପ୍ରମାଣପତ୍ର ବଣ୍ଟନ କରାଯାଇଥିଲା।

## ଭିନ୍ନକ୍ଷମ ଶିବିର

**ଭଦ୍ରକ** ଜିଲ୍ଲା ତିହିଡି ବ୍ଲକ୍ ପୀରାହାଟଠାରେ ଭୀମ ଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର ଅନୁଷ୍ଠିତ ହୋଇଯାଇଛି। ଶିବିରରେ ବିଭାଗୀୟ ଅଧିକାରୀ ଯୋଗଦେଇ ସରକାରଙ୍କ ଦିବ୍ୟାଙ୍ଗମାନଙ୍କ ପାଇଁ ଉଦ୍ଦିଷ୍ଟ ସମସ୍ତ ଯୋଜନା ସମ୍ପର୍କରେ ଆଲୋକପାତ କରିଥିଲେ। ବିଭିନ୍ନ ପଂଚାୟତରୁ ୪୫୭ ଜଣ ଦିବ୍ୟାଙ୍ଗ ଡାକ୍ତରୀ ପରୀକ୍ଷା କରାଇଥିଲେ।

## ମକ୍‌ଡ୍ରିଲ୍

**ସମ୍ବଲପୁର** ଜିଲ୍ଲା ରେଙ୍ଗାଲି ରେଲୱେଷ୍ଟେସନ୍‌ରେ ରେଳମଣ୍ଡଳ ପକ୍ଷରୁ ମକ୍‌ଡ୍ରିଲ୍ ଅନୁଷ୍ଠିତ ହୋଇଯାଇଛି । ଦୁର୍ଘଟଣା ସମୟରେ ଯାତ୍ରୀଙ୍କୁ ଉଦ୍ଧାର କରି ତୁରନ୍ତ ସହାୟତା ଯୋଗାଇ ଦିଆଯାଇ ପାରିବ ସେ ନେଇ ଏକ ଅଭ୍ୟାସ କରାଯାଇଥିଲା ।

## ଆଇଏଫ୍ଏଫ୍ଆଇ-ବ୍ୟାଗ୍ରାଉଣ୍ଡ

ଗୋଆରେ ଆସନ୍ତାକାଲି ୫୬ତମ ଆନ୍ତର୍ଜାତିକ ଚଳଚ୍ଚିତ୍ର ମହୋତ୍ସବ ଆଇ.ଏଫ୍.ଏଫ୍.ଆଇ.-୨୦୨୫ ଆରମ୍ଭ ହେବ । ଭାରତର ସିନେମା ଐତିହ୍ୟକୁ ପ୍ରଦର୍ଶନ କରୁଥିବା ଏକ ସାଂସ୍କୃତିକ କାର୍ଯ୍ୟକ୍ରମ ସହ ଏହି ମହୋତ୍ସବର ଶୁଭାରମ୍ଭ ହେବ । ୮୦ରୁ ଅଧିକ ଦେଶର ପ୍ରତିନିଧି, ଚଳଚ୍ଚିତ୍ର ନିର୍ମାତା ଏଥିରେ ଅଂଶଗ୍ରହଣ କରିବା ସହ ୨୭୦ରୁ ଅଧିକ ଚଳଚ୍ଚିତ୍ର ପ୍ରଦର୍ଶନ କରାଯିବ । ଆସନ୍ତା ୨୮ ତାରିଖ ପର୍ଯ୍ୟନ୍ତ ପଞ୍ଜିମ ଠାରେ ୮ ଦିନ ଧରି ଏହି ମହୋତ୍ସବ ଅନୁଷ୍ଠିତ ହେବ । ଗୋଆର ୫ଟି ପ୍ରମୁଖ ସ୍ଥାନରେ ଚଳଚ୍ଚିତ୍ର ଗୁଡ଼ିକର ପ୍ରଦର୍ଶନ ସହ ବିଭିନ୍ନ କାର୍ଯ୍ୟକ୍ରମର ଆୟୋଜନ କରାଯାଉଛି ।

## ପାଣିପାଗ

ରାଜ୍ୟରେ ଶୀତ ଲହରୀ ଜାରି ରହିଛି । ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ କେନ୍ଦ୍ରର ସୂଚନା ଅନୁସାରେ ଆସନ୍ତା ୩ ଦିନ ମଧ୍ୟରେ ରାତିର

ତାପମାତ୍ରା ୨ରୁ ୩ ଡିଗ୍ରୀ ପର୍ଯ୍ୟନ୍ତ ବୃଦ୍ଧି ପାଇବାର ସମ୍ଭାବନା ରହିଛି । ଗତକାଲି ୨୨ଟି ସ୍ଥାନର ତାପମାତ୍ରା ୧୫ ଡିଗ୍ରୀ ସେଲ୍‌ସିୟସ ତଳେ ରହିଥିଲା । ସୁନ୍ଦରଗଡ଼ ଜିଲ୍ଲାର ଗୋଟିଏ ଦୁଇଟି ସ୍ଥାନରେ ଘନକୁହୁଡ଼ି ପରିଲକ୍ଷିତ ହୋଇଥିଲା ।